# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 August – 2025**

---

# ଉପରାଷ୍ଟ୍ରପତି ପ୍ରାର୍ଥୀ

ଉପରାଷ୍ଟ୍ରପତି ପଦ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏର ପ୍ରାର୍ଥୀ ଭାବେ ମହାରାଷ୍ଟ୍ରର ରାଜ୍ୟପାଳ ସି.ପି.ରାଧାକୃଷ୍ଣନ ମନୋନୀତ ହୋଇଛନ୍ତି । ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଗତକାଲି ଅନୁଷ୍ଠିତ ଦଳର ସଂସଦୀୟ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି ଏନ୍‌ଡିଏର ସମସ୍ତ ସହଯୋଗୀ ଦଳ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ସହମତି ଭିତ୍ତିରେ ଉପରାଷ୍ଟ୍ରପତି ନିର୍ବାଚନ ସମ୍ପନ୍ନ କରିବା ଲକ୍ଷ୍ୟନେଇ ବିଜେପି ଅନ୍ୟ ରାଜନୈତିକ ଦଳଗୁଡ଼ିକ ସହ ସମନ୍ୱୟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

# ବୈଠକ-ନିର୍ବାଣାଧୀନ ପ୍ରକଳ୍ପ

ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ମାଣାଧୀନ ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ବିଭାଗୀୟ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ନିର୍ମାଣ କାର୍ଯ୍ୟ ବିଳମ୍ବ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରତ୍ୟେକଟି ପ୍ରକଳ୍ପ ନିର୍ମାଣରେ ଉତ୍ତରଦାୟିତ୍ୱ ସ୍ଥିର କରିବାକୁ ମନ୍ତ୍ରୀ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି ।

## ରାଜ୍ୟପାଳ-ପରିଦର୍ଶନ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗତକାଲି ଭୁବନେଶ୍ୱରସ୍ଥିତ ସୁଦର୍ଶନ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଭିଲେଜ୍ ପରିଦର୍ଶନ କରିଛନ୍ତି । ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପରମ୍ପରାର ରାଜ୍ୟପାଳ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଗସ୍ତ ଅବସରରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ରାଜ୍ୟପାଳଙ୍କୁ ପଥର ସଂଗ୍ରହ, ପ୍ରସ୍ତୁତି ପ୍ରକ୍ରିୟା ଆଦି ସମ୍ପର୍କରେ ଅବଗତ କରାଇଥିଲେ ।

## ଇଗ୍ନୋ ନାମଲେଖା

ଚଳିତ ଶିକ୍ଷାବର୍ଷ ପାଇଁ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଇଗ୍ନୋରେ ନାମଲେଖା ସମୟସୀମା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ଇଗ୍ନୋର ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ । ପାଠ୍ୟକ୍ରମ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଏହି ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି ବୋଲି ଇଗ୍ନୋ ପକ୍ଷରୁ ସୂଚନା ଦିଆଯାଇଛି ।

## ମହୁଚାଷ ତାଲିମ

ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ ଏବଂ ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ଛତ୍ରପୁରଠାରେ ଆୟୋଜିତ ମହୁଚାଷ ତାଲିମ ଶିବିର ଗତକାଲି ଉଦ୍‌ଯାପିତ ହୋଇଛି । ଏଥିରେ ୫୦ଜଣଙ୍କୁ ତାଲିମ ପ୍ରଦାନ କରାଯିବା ସହ ମହୁ ଚାଷ

ପାଇଁ ଆବଶ୍ୟକ ଉପକରଣ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି । ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏଥିରେ ଯୋଗଦେଇ ମହୁଚାଷ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ ।

## ଶ୍ରୀଜୀଉଙ୍କ ବନଭୋଜି ବେଶ

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଜି ବନଭୋଜି ବେଶ ଅନୁଷ୍ଠିତ ହେବ । ଶୀକୃଷ୍ଣଙ୍କ ଜନ୍ମ ଓ ନନ୍ଦୋତ୍ସବ ନୀତି ସମ୍ପନ୍ନ ପରେ ଏବେ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ଆରମ୍ଭ ହେଉଛି । ଏହି ବେଶରେ ଠାକୁରଙ୍କୁ ପ୍ରାୟ ୧୮ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ବିମଣ୍ଡିତ କରାଯାଇଥାଏ ।

## ନୂଆଖାଇ-ନବାନ୍ନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ପରମ୍ପରା ଅନୁଯାୟୀ ବୌଦ୍ଧ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ନବାନ୍ନ ଲଗ୍ନଧାର୍ଯ୍ୟ କରାଯାଇଛି । ଆସନ୍ତା ୨୮ ତାରିଖ ଗୁରୁବାର ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପୂର୍ବାହ୍ନ ୧୦ଟା ଅଣଚାଳିଶ ମିନିଟରୁ ୧୧ଟା ୨୫ ମିନିଟ୍ ପର୍ଯ୍ୟ ଲଗ୍ନ ଧାର୍ଯ୍ୟ ହୋଇଛି । ମା'ଙ୍କ ପୀଠରେ ପ୍ରଥମେ ନବାନ୍ନ ଲାଗି ହେବା ପରେ ଜିଲ୍ଲାର ଅନ୍ୟ ଦେବାଦେବୀ ପୀଠରେ ନବାନ୍ନ ଅର୍ପଣ କରାଯିବାର ବିଧି ରହିଛି ।

## ସହିଦଙ୍କ ଶେଷକୃତ୍ୟ

ସହିଦ ଯବାନ ସୁରେଶ କୁମାର ମଲ୍ଲିକଙ୍କ ଶେଷକୃତ୍ୟ ଗତକଲି କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକର ଗୁଡାରୀ ଗ୍ରାମର ମଲ୍ଲିକ ସାହିରେ ସମ୍ପନ୍ନ ହୋଇଛି । ଏକ

ଶୋଭାଯାତ୍ରାରେ ଗୁଡାରୀଠାରେ ତାଙ୍କ ମରଶରୀର ପହଞ୍ଚିବା ପରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । କାଶ୍ମୀରର ଉରି ଅଞ୍ଚଳରେ ବିହାର ରେଜିମେଣ୍ଟର ନବମ ବାଟାଲିୟନରେ କାର୍ଯ୍ୟରତ ଥିବାବେଳେ ଯବାନ ସୁରେଶ କୁମାର ଗୁରୁତର ଆହତ ହୋଇଥିଲେ । ସେନା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା ।

## ୨ ଶ୍ରମିକ ମୃତ

ନୂଆପଡା ଜିଲ୍ଲା ଖଡ଼ିଆଳ ଲକ୍ଷ୍ମୀଛକ ନିକଟରେ ଏକ ପାଇଖାନା ଟାଙ୍କିରେ କାର୍ଯ୍ୟରତ ଅବସ୍ଥାରେ ଅଣନିଃଶ୍ୱାସୀ ଯୋଗୁଁ ୨ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି । ଖଡ଼ିଆଳ ଅଗ୍ନିଶମ ବିଭାଗ ଏହି ଶ୍ରମିକ ୨ଜଣଙ୍କୁ ଟାଙ୍କିରୁ ଉଦ୍ଧାର କରି ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାପାଇଁ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଘଟଣାର ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି ।

## ତାଳବୃକ୍ଷ ସୁରକ୍ଷା ସଚେତନତା

ଗଞ୍ଜାମ ଜିଲ୍ଲା ଚିକିଟି ପଞ୍ଚାୟତ ସମିତି ଅନ୍ତର୍ଗତ ସମୁଦ୍ର ତଟବର୍ତ୍ତୀ କତୁରୁ ଗ୍ରାମରେ ତାଳବୃକ୍ଷ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରୀ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ତାଳଗଛର ଆବଶ୍ୟକତା ଏବଂ ଏହାର ସୁରକ୍ଷା ନେଇ ସଚେତନ କରାଯଇଛି । ଗ୍ରାମକୁ ଘେରି ରହିଥିବା କେନାଲ ପାର୍ଶ୍ୱରେ ତାଳଗୋଟମା ରୋପଣ କରାଯାଇଛି ।

## ବର୍ଷା

ମାଲକାନଗିରି ଜିଲ୍ଲାରେ ଆଜି ଏବଂ ଆସନ୍ତାକାଲି ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । କେତେକ ସ୍ଥାନରେ ବର୍ଷାର ପରିମାଣ ବୃଦ୍ଧି ପାଉଥିବା ଜଣାପଡିଛି । ସମସ୍ତ କ୍ଷତ୍ରିୟ କର୍ମଚାରୀଙ୍କୁ ସଜାଗ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ଆଶଙ୍କା ଥିବା କାଲିମେଲା, ପଡ଼ିଆ ଏବଂ ମୋଟୁ ଅଞ୍ଚଳରେ ମାଇକ୍ ଯୋଗେ ଲୋକଙ୍କୁ ସଚେତନ କରାଯାଉଛି ।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗର, ଉତ୍ତର-ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ-ଉପକୂଳ ଓଡ଼ିଶାରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଜି ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆସନ୍ତାକାଲି ସୁଦ୍ଧା ଏହା ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ଦକ୍ଷିଣାଞ୍ଚଳ ଜିଲ୍ଲା ଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି ।